## APPENDIX A TO SCHEDULE III

# ଯାଜପୁର ପୌରପରିଷଦ, ଯାଜପୁର

### ପ୍ରେସ ବିଜ୍ଞପ୍ତି

ଯାଜପୁର ପୌରପରିଷଦର ନିର୍ବାଚନ ନିମନ୍ତେ ଭୋଟର ତାଲିକା ପ୍ରସ୍ତୁତି ପାଇଁ ରାଜ୍ୟ ନିର୍ବାଚନ କମିଶନ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ଜାନୁଆରୀ ୨୦୨୨ରେ ପ୍ରକାଶିତ ବିଧାନ ସଭା ଭୋଟର ତାଲିକାକୁ ଭିତି କରି ପ୍ରାଥମିକ ଭୋଟର ତାଲିକା ଯାଜପୁର ପୌରପରିଷଦର କାର୍ଯ୍ୟାଳୟରେ ପ୍ରକାଶନ କରାଯାଇଛି ଏବଂ ସର୍ବସାଧାରଣଙ୍କ ପରିଦର୍ଶନ ପାଇଁ ଉକ୍ତ ଭୋଟର ତାଲିକା ନିର୍ବାଚନ ଅଧିକାରୀ ଓ ନିର୍ବାହୀ ଅଧିକାରୀଙ୍କ, ଯାଜପୁର ପୌରପାଳିକା କାର୍ଯ୍ୟାଳୟରେ ଏବଂ ପୌରପାଳିକାର ୧୮ ଗୋଟି ୱାର୍ଡର ଉପଯୁକ୍ତ ସ୍ଥାନମାନଙ୍କରେ ତା୧୧.୦୨.୨୦୨୨ରିଖରୁ ତା୧୫.୦୨.୨୦୨୨ରିଖ ପର୍ଯ୍ୟନ୍ତ(ଛୁଟି ଦିନ ସହିତ) ଉନ୍ମୁକ୍ତ ରହିବ । ଭୋଟରମାନଙ୍କୁ ଜଣାଇ ଦିଆଯାଇଛି ଯେ, ତାଙ୍କର ନାମ ସଂପୃକ୍ତ ୱାର୍ଡରେ ଠିକ୍ ଭାବେ ଭୋଟର ତାଲିକାଭୁକ୍ତ ହୋଇଛି କି ନାହିଁ ତନଖି କରିନିଅନ୍ତୁ । ଯଦି କୌଣସି ଭୋଟରଙ୍କ ନାମ ବିଧାନ ସଭା ଭୋଟର ତାଲିକା ଭୁକ୍ତ ଥାଇ ୱାର୍ଡୱାରୀ ପ୍ରସ୍ତୁତ ହୋଇଥିବା ପୌରପରିଷଦ ଭୋଟର ତାଲିକାରେ ସ୍ଥାନ ପାଇ ନଥାଏ ତେବେ ଭୋଟର ତାଲିକାରେ ନାମ ଅର୍ନ୍ତଭୁକ୍ତ, ସଂଶୋଧନ କରିବା ପାଇଁ ଫାରମ ନଂ III ରେ ଦରଖାସ୍ତ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ତା୧୧.୦୨.୨୦୨୨ରିଖ ରୁ ତା୧୬.୦୨.୨୦୨୨ରିଖ(ଛୁଟି ଦିନ ସହିତ) ମଧ୍ୟରେ ଦାଖଲ କରିପାରିବେ ଏବଂ ଯେଉଁମାନଙ୍କର ନାମ ଭୁଲ ୱାର୍ଡରେ ଅର୍ନ୍ତଭୁକ୍ତ ହୋଇଥିବ ସେମାନେ ମଧ୍ୟ ସଂଶୋଧନ ପାଇଁ ଫାରମ ନଂ IV ରେ ଦରଖାସ୍ତ ତା୧୧.୦୨.୨୦୨୨ରିଖ ରୁ ତା୧୬.୦୨.୨୦୨୨ରିଖ(ଛୁଟି ଦିନ ସହିତ) ମଧ୍ୟରେ ଦାଖଲ କରି ପାରିବେ । ପ୍ରାଥମିକ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ ହୋଇଥିବା କୌଣସି ଭୋଟରଙ୍କର ନାମ ସଂପର୍କରେ ଆପତି ଫାରମ ନଂ IV ରେ ଉପରୋକ୍ତ ତାରିଖ ମଧ୍ୟରେ ଦାଖଲ କରିପାରିବେ । ଫାରମ ନଂ III ଓ ଫାରମ ନଂ IV ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରୁ ବିନା ମୂଲ୍ୟରେ ମିଳିପାରିବ । ଯଦି ନିର୍ଦ୍ଧାରିତ ଛପା ଫାରମ ନ ମିଳେ, ତେବେ ତାହାର ଅବିକଳ ନକଲ ହାତରେ ଲେଖି ଅଥବା ଟାଇପ, ଫଟୋକପି କିମ୍ବା ସାଇକ୍ଲୋଷ୍ଟାଇଲ କରି ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଦାଖଲ କରି ପାରିବେ ।

10.2.2022

ନିର୍ବାଚନ ଅଧିକାରୀ
ଯାଜପୁର ପୌରପରିଷଦ